# <u>ପ୍ରେସ ବିଜ୍ଞପ୍ତି</u>

## ଓଡିଶାର ୨୯ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ପୋସ୍କୋ ଟି. ଜେ. ପାର୍କ ଛାତ୍ରବୃତ୍ତି ପ୍ରଦାନ

- **ପୋସ୍କୋ-ଇଣ୍ଡିଆ ପ୍ରକଳ୍ପ ଅଞ୍ଚଳର ୩୫ ଅଣଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କୁ ବିଶେଷ ବୃତ୍ତି ଘୋଷଣା**
- **ବାର୍ଷିକ ୫୦୦ ଆମେରିକୀୟ ଡଲାର ବୃତ୍ତି ରାଶି ବ୍ୟବସ୍ଥା**

**ଭୁବନେଶ୍ୱର,୦୮/୧୨/୦୭ :** ପୋସ୍କୋ ଟି. ଜେ. ପାର୍କ ଫାଉଣ୍ଡେସନ୍ ତରଫରୁ ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍ ଏବଂ ବିପିୟୁଟିରୁ ଚୟନ କରାଯାଇଥିବା ୨୯ ଜଣ ବିଦ୍ୟାର୍ଥୀଙ୍କୁ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଭୁବନେଶ୍ୱରର ଫର୍ଚ୍ଚୁନ ଟାୱାର ସ୍ଥିତ ପୋସ୍କୋ-ଇଣ୍ଡିଆ କାର୍ଯ୍ୟାଳୟରେ ଡିସେମ୍ବର ୭ ତାରିଖ ଦିନ ଏକ ସାଧାରଣ ସମାରୋହରେ ଏହା ପ୍ରଦାନ କରାଯାଇଅଛି । ପୋସ୍କୋ-ଇଣ୍ଡିଆର ଅଧ୍ୟକ୍ଷ, ଶ୍ରୀଯୁକ୍ତ ସୋଙ୍ଗ-ସିକ୍-ଚୋ ଏହି ସମାରୋହରେ ସଭାପତିତ୍ୱ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱଦ୍ୟାଳୟର କୁଳପତି ପ୍ରଫେସର ଏଲ୍.ଏନ୍. ମିଶ୍ର. କିଟ୍‌ର କୁଳପତି ପ୍ରଫେସର ଏସ୍. ଆର. ଦେ. ସରକାର ଏବଂ ବିପିୟୁଟିର କୁଳପତି ପ୍ରଫେସର ଓ. ଏନ୍. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଏତଦ୍ ବ୍ୟତୀତ, ଚଳିତ ବର୍ଷ ଠାରୁ ପୋସ୍କୋ-ଇଣ୍ଡିଆ ପ୍ରକଳ୍ପ ଅଞ୍ଚଳରେ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ପରିବାର ଏବଂ ସେଠାର ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ପରିବାରରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଛାତ୍ରବୃତ୍ତି ମାନ ପ୍ରଦାନ କରିବାକୁ ପୋସ୍କୋ-ଇଣ୍ଡିଆ ତରଫରୁ ଘୋଷଣା କରାଯାଇଅଛି । ଏହି ବର୍ଷ ପାଇଁ ପ୍ରକଳ୍ପ ଅଞ୍ଚଳରୁ ୩୫ ଜଣ ପାର୍ଥୀଙ୍କୁ ଛାତ୍ରବୃତ୍ତି ନମନ୍ତେ ଚୟନ କରାଯାଇଛି । ଆଗକୁ ଏହି ବୃତ୍ତି ମନୋନୀତ ଛାତଛାତ୍ରୀମାନଙ୍କୁ ପ୍ରଦାନ କରାଯିବ ।

ଏହି ଛାତ୍ରବୃତ୍ତି ପ୍ରଦାନ ଅବସରରେ, ପୋସ୍କୋ-ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ଯୁକ୍ତ ସୋଙ୍ଗ-ସିକ୍-ଚୋ କହିଛନ୍ତି ଯେ, "ଏହି ଛାତ୍ରବୃତ୍ତି ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ କ୍ଷେତ୍ରରେ ପାରିଦର୍ଶିତା ବିକାଶ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତର ଛାତ୍ର ସମାଜ ପାଇଁ ମଧ୍ୟ ପ୍ରେରଣା ଯୋଗାଇ ଦେବ ।" ବିପିୟୁଟିର କୁଳପତି ପ୍ରଫେସର ଓ. ଏନ୍. ମହାନ୍ତି କହିଛନ୍ତି ଯେ ପୋସ୍କୋ, କୋରିଆ ପାଇଁ ଏକ ଆଦର୍ଶ ବହନ କରେ ଏବଂ ପୋସ୍କୋ-ଇଣ୍ଡିଆ ଓଡିଶାର ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବାରେ ମଧ୍ୟ ସହାୟକ ହୋଇପାରିବ ।

ଶ୍ରୀଯୁକ୍ତ ଟି. ଏସ. ହଙ୍ଗ୍ ଭାରତରେ ପୋସ୍କୋ ଟି. ଜେ. ପାର୍କ ଫାଉଣ୍ଡେସନ୍ ତରଫରୁ ପ୍ରତିନିଧିତ୍ୱ କରିଥିଲେ । ପ୍ରତି ମେଧାବୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫୦୦ ଆମେରିକୀୟ ଡଲାର ବୃତ୍ତି ପ୍ରଦାନ କରାଯିବ ଏବଂ ଯୋଗ୍ୟତା ଭିତିରେ ପ୍ରତି ବର୍ଷ ଏହି ରାଶିକୁ ନବୀକରଣ କରାଯିବ । ଏହି ବୃତ୍ତି ସମ୍ପୂର୍ଣ୍ଣ ଭାବେ ଯୋଗ୍ୟତା ଭିତ୍ତିକଭାବେ ବିଶ୍ୱବିଦ୍ୟାଳୟମାନଙ୍କ ଅନୁମୋଦନକ୍ରମେ ପ୍ରଦାନ କରାଯାଇଥାଏ ।

କିଟ୍‌ର କୁଳପତି ପ୍ରଫେସର ଏସ୍. ଆର ଦେ ସରକାର ନିଜ ବକ୍ତବ୍ୟରେ ପାରଦର୍ଶିତା ଲାଭ ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ତରଫରୁ କ୍ରମାଗତ ପ୍ରଚେଷ୍ଟା ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଏହି ପ୍ରତିଯୋଗିତା ମୂଳକ ଯୁଗରେ କୌଣସି ଜିନିଷକୁ ସହଜ-ପ୍ରାପ୍ୟ ଭାବରେ ଗ୍ରହଣ ନକରିବାକୁ ପରାମର୍ଶ ଦେଇଥଲେ । ଉତ୍କଳ ବିଶ୍ୱଦ୍ୟାଳୟର କୁଳପତି ପ୍ରଫେସର ଏଲ୍.ଏନ୍. ମିଶ୍ର କହିଥଲେ ଯେ ଛାତ୍ରବୃତ୍ତି ଏକ ବିଶେଷ ପ୍ରେରଣା ଭାବରେ କାର୍ଯ୍ୟ କରେ ଏବଂ ସବୁ କ୍ଷେତ୍ରରେ ଏହି ପ୍ରୟାସକୁ ଉତ୍ସାହିତ କରିବା ଦରକାର । ପୋସ୍କୋ-ଇଣ୍ଡିଆ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ଯୁ. ବି. ପଟ୍ଟନାୟକ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

POSCO-India

## ପୋସ୍କୋ ଟି. ଜେ. ପାର୍କ ଫାଉଣ୍ଡେସନ୍ ସମ୍ବନ୍ଧରେ:

ପୋସ୍କୋ ଟି. ଜେ. ପାର୍କ ଫାଉଣ୍ଡେସନ୍ ହେଉଛି ଏକ ସ୍ୱାଧୀନ ଏବଂ ବିନା ଲାଭକାରୀ ସଂସ୍ଥା ଯାହକି ସମ୍ପୂର୍ଣ୍ଣ ରୂପେ ପୋସ୍କୋର ସହାୟତାରେ ପରିଚାଳିତ। ଏହି ଫାଉଣ୍ଡେସନ୍‌କୁ ଏସିଆରେ ସମାଜର ଉନ୍ନତି ପାଇଁ ସମ୍ପୂର୍ଣ୍ଣ ନିଯୁକ୍ତି କରାଯାଇଛି। ଏହି ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ଏସିଆର ବିଶ୍ୱବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନଙ୍କୁ ଅଧିକ ସାହାଯ୍ୟ ତଥା ମେଧାବୃତ୍ତି ଓ ଅନ୍ୟାନ୍ୟ ଶିକ୍ଷାଗତ ସହାୟତା ଯୋଗାଇଦିଆଯାଏ।

## ପୋସ୍କୋ-ଇଣ୍ଡିଆ ସମ୍ବନ୍ଧରେ:

ପୋସ୍କୋ-ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ବିଶ୍ୱର ୪ର୍ଥ ବୃହତ୍ତ ଇସ୍ପାତ ଉତ୍ପାଦନକାରୀ କମ୍ପାନି ପୋସ୍କୋର ସହାୟକ। ଓଡିଶାର ଜଗତ୍‌ସିଂହପୁର ଜିଲ୍ଲାର ପାରାଦ୍ୱୀପ ଠାରେ ୧୨ ବିଲିୟନ ଆମେରିକୀୟ ଡଲାର ବିନିଯୋଗରେ ୧୨ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ସମ୍ପନ୍ନ ଏକ ଷ୍ଟିଲ୍ ନିର୍ମାଣ କରିବା ପାଇଁ ଜୁନ୍ ୨୦୦୫ରେ ପୋସ୍କୋ, ଓଡିଶା ସରକାରଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ପ୍ରଥମ ପର୍ଯ୍ୟାୟ (୨୦୦୭-୨୦୧୦) କମ୍ପାନୀ ୪ ମିଲିୟନ ଟନ୍ କ୍ଷମତା ସମ୍ପନ୍ନ ଷ୍ଟିଲ୍ ପ୍ଲାଣ୍ଟ ଓଡିଶାରେ ନିର୍ମାଣ କରିବ ଏବଂ ଏହାର ଉତ୍ପାଦନ କ୍ଷମତା ୧୨ ନିୟୁତ ଟନ୍ କୁ ଅନ୍ତିମ ପର୍ଯ୍ୟାୟରେ ସମ୍ପ୍ରସାରିତ କରିବ । କମ୍ପାନୀ ଆକ୍ଟ-୧୯୫୬ ଅନୁଯାୟୀ, ୨୫, ଅଗଷ୍ଟ ୨୦୦୫ରେ ପୋସ୍କୋ-ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ନାମରେ ପଞ୍ଜିକୃତ ହୋଇଛି।

**For more information contact:**


| | |
|---|---|
| **Shashanka Pattnaik**<br>Communications, POSCO-India<br>Tel: 91-674-230-3690~2<br>E-mail: shashankapattnaik@posco-india.com | **Sumita Rath**<br>Sanket Communication, Bhubaneswar<br>Phone: 0674-329-4867<br>E-mail: prsanket@gmail.com |